# ଭାରି ପଡ଼ିଲା କରୋନା





ମହାମାରୀ ବିଷୟରେ ଲୋକେ ବହିରେ ପଢ଼ିଥିଲେ। କିନ୍ତୁ ମହାମାରୀ କ'ଣ ତାହା ଦେଖାଇଦେଲା କରୋନା। ଚାଇନାର ଉହାନ ସହରରୁ ବାହାରିଥିବା କୋଭିଡ୍-୧୯ ଭୂତାଣୁ ସମଗ୍ର ବିଶ୍ୱକୁ କବଳିତ କରିଦେଲା। ଓଡ଼ିଶାରେ ଭାଇରସ୍‌ର ପ୍ରଭାବ ଦେଖିବାକୁ ମିଳିଥିଲା ମାର୍ଚ୍ଚରେ। ଭୁବନେଶ୍ୱରର ଜଣେ ଇଟାଲୀ ଫେରନ୍ତାଙ୍କ ଠାରେ ପ୍ରଥମେ କୋଭିଡ୍ ଲକ୍ଷଣ ଦେଖାଦେବା ପରେ ରାଜଧାନୀରେ ପଶିଥିଲା କୋଳୁଆଭୟ। ଧୀରେ ଧୀରେ ପଜିଟିଭ୍‌ଙ୍କ ସଂଖ୍ୟା ସମସ୍ତ ଜିଲାକୁ ବ୍ୟାପିଥିଲା। ଏପରି କି ଦୈନିକ ସଂକ୍ରମଣ ୪ହଜାର ଟପିଥିଲା। ଏହାକୁ ରୋକିବାକୁ ରାଜ୍ୟକୁ ଦୀର୍ଘଦିନ ଧରି ଲକ୍‌ଡାଉନ ଓ ଶଟ୍‌ଡାଉନରେ ରଖାଯାଇଥିଲା। ଏପରି କି ଅଧିକ ସଂକ୍ରମଣ ବ୍ୟାପୁଥିବା ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଥିଲା। ଦୀର୍ଘଦିନ ଧରି ସବୁ ବନ୍ଦ ରହିବାରୁ ଜନସାଧାରଣ ହନ୍ତସନ୍ତ ହେଲେ। ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ଜୀବିକା ଉପରେ ଚଡ଼କ ପକାଇଲା। ଅଦ୍ୟାବଧି ସେଇ ଯନ୍ତାରୁ ମୁକୁଳିପାରିନାହାନ୍ତି ଓଡ଼ିଶାବାସୀ। ଡିସେମ୍ବର ୩୦ ସୁଦ୍ଧା ରାଜ୍ୟରେ ୩,୨୯,୩୦୬ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ୩,୨୪,୭୭୫ଜଣ ଆରୋଗ୍ୟ ଲାଭ କରିଛନ୍ତି। କରୋନାରେ ୧,୮୭୧ଜଣଙ୍କ ମୃତ୍ୟୁ ଘଟିଛି। ତେବେ ବର୍ଷ ଶେଷ ବେଳକୁ ଟିକାର ଆଶା ଉଜ୍ଜୀବିତ ହେଉଥିବାବେଳେ ଭୂତାଣୁର ନୂଆରୂପ ଆତଙ୍କିତ କରିଛି।

## ନୂଆ ମୁଖ୍ୟ ଶାସନ ସଚିବ



ଚଳିତ ବର୍ଷ ପ୍ରଶାସନିକ ସ୍ତରରେ ଅନେକ ଅଦଳବଦଳ ହୋଇଛି। ଆଇଏଏସ୍ ଓ ଆଇପିଏସ୍ ଅଫିସର ସ୍ତରରେ ବଡ଼ ଧରଣର ବଦଳି ହୋଇଛି। ରାଜ୍ୟ ପ୍ରଶାସନର ସର୍ବୋଚ୍ଚ ପଦବୀ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ଅସିତ ତ୍ରିପାଠୀ ଅବସର ନେବାକୁ ଯାଉଥିବାରୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି । ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସରକାର ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି । ଅସିତଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଛି।

## ସାବାସ୍ ସବ୍ୟସାଚୀ



କରୋନା ସମୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଯାନବାହନ ଚଳାଚଳ ସବୁ ବନ୍ଦ ହୋଇଯାଇଥିଲା। ବହୁ ଲୋକ ବିଭିନ୍ନ ସ୍ଥାନରେ ଅଟକି ରହିଯାଇଥିଲେ। ସରକାର ସେମାନଙ୍କୁ ନିଜ ନିଜ ଅଞ୍ଚଳକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ। ଏଭଳିସ୍ଥିତିରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ରାଜ୍ୟ ବାହାରେ ଫସି ରହିଥିବା ଅନେକ ଲୋକଙ୍କୁ ନିଜ ଘରକୁ ଫେରାଇ ଆଣିବାରେ ବେଶ୍ ସହଯୋଗ କରିଥିଲେ। ଏଭଳି କାର୍ଯ୍ୟ ପାଇଁ ସେ ଜାତୀୟସ୍ତରରେ ପ୍ରଶଂସିତ ହୋଇଛନ୍ତି।

## ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲରେ ପ୍ରଥମ ରାଜ୍ୟ



ରାଜ୍ୟରେ ମାର୍ଚ୍ଚ ୨୧ରେ ପ୍ରଥମେ ୫ଟି ଜିଲାକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ପରେ ଆଉ ୬ଟି ଜିଲାକୁ ଏଥିରେ ସାମିଲ କରାଯାଇଥିଲା। ସାରା ଦେଶରେ ଲକ୍‌ଡାଉନ୍ ମାର୍ଚ୍ଚ ୨୪ ମଧ୍ୟରାତ୍ରିରୁ ଲାଗୁ ହୋଇଥିଲା। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ରାଜ୍ୟ ସରକାର ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ବ୍ୟବସ୍ଥା କରିଥିଲେ। ତେବେ କୋଭିଡ୍ କଟକଣା ପରିସ୍ଥିତି ଦୃଷ୍ଟିରୁ ସାଧାରଣ ରୋଗୀଟିଏ ଡାକ୍ତରଖାନା ଯିବାରେ ଅସୁବିଧା ହେବା ସହ ଡାକ୍ତରୀ ପରାମର୍ଶ ପାଇପାରୁ ନ ଥିଲେ। ଏହାର ପ୍ରତିକାର ସ୍ୱରୂପ ସରକାର ଜୁଲାଇ ୨୦ରେ ଟେଲି ମେଡିସିନ୍ ସେବା ଆରମ୍ଭ କରିଥିଲେ। ଏହି ସେବା ପ୍ରଥମେ ରାଜ୍ୟର ୪୧ଟି ସ୍ଥାନରେ ଆରମ୍ଭ ହୋଇଥିଲା।

## ଶିକ୍ଷାୟତନରେ ତାଲା



କରୋନା ଯୋଗୁ ଶିକ୍ଷା କ୍ଷେତ୍ର ବିଶେଷଭାବେ ପ୍ରଭାବିତ ହୋଇଛି। ସ୍କୁଲ, କଲେଜ ବନ୍ଦ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଘୋର ବାଧାପ୍ରାପ୍ତ ହୋଇଛି। ଏଭଳି ସମସ୍ୟାକୁ ମୁକାବିଲା କରିବା ପାଇଁ ସରକାର ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଶିକ୍ଷାପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ହୋଇପାରୁ ନାହିଁ। କାରଣ ଏବେବି ଅନେକ ସ୍ଥାନରେ ଅନ୍‌ଲାଇନ୍ ଶିକ୍ଷା ଏକ ପ୍ରକାର ସ୍ୱପ୍ନ ହୋଇ ରହିଛି। କହିବାକୁ ଗଲେ ଶିକ୍ଷା କ୍ଷେତ୍ରରେ ପୂରା ତାଲା ପଡ଼ିଯାଇଛି। ଅପରପକ୍ଷରେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାବେଳେ ଘରୋଇ ସ୍କୁଲଗୁଡ଼ିକ ମାସିକ ଦେୟ ଆଦାୟ ଆଦାୟ କରୁଥିଲେ। ଏହାକୁ ବିରୋଧ କରି ଓଡ଼ିଶା ଅଭିଭାବକ ମହାସଂଘ ସ୍କୁଲ ଫି' ଛାଡ଼ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମିଳିଲା ନୂଆ ଦାୟିତ୍ୱ



ଏ. ଚେଲ୍ଲାକୁମାର
ଡି.ପୁରନ୍ଦେଶ୍ୱରୀ

ରାଜ୍ୟ କଂଗ୍ରେସର ନୂତନ ପ୍ରଭାରୀ ଭାବେ ଏ. ଚେଲ୍ଲାକୁମାର ଦାୟିତ୍ୱ ନେଇଥିବା ବେଳେ ଭାଜପାର ନୂତନ ରାଜ୍ୟ ପ୍ରଭାରୀ ଭାବେ ଡି.ପୁରନ୍ଦେଶ୍ୱରୀ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟରେ ଶିଶୁ ଅପହରଣ, ହତ୍ୟା, ବଳାତ୍କାରକୁ ନେଇ ଉଭୟ ଦଳ ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ଅପରପକ୍ଷରେ କରୋନା କଟକଣା ମଧ୍ୟରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୧୯ରେ ଭାଜପା ହାତରେ ଥିବା ବାଲେଶ୍ୱର ବିଧାନସଭା ଆସନକୁ ବିଜେଡି ଛଡ଼ାଇ ଆଣିବାରେ ସଫଳ ହୋଇଥିଲା। ଉଭୟ ତିର୍ତ୍ତୋଲ ଓ ବାଲେଶ୍ୱର ଆସନକୁ ବିଜେଡି ଜିତି ନେଇଥିଲା। ଭାଜପା ହାତରେ ଥିବା ବାଲେଶ୍ୱର ଆସନରେ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ଏବଂ ତିର୍ତ୍ତୋଲ ଆସନରେ ବିଜୟ ଶଙ୍କର ଦାସ ବିଜୟୀ ହୋଇଥିଲେ।



ସ୍ୱରୂପ ଦାସ



ବିଜୟ ଶଙ୍କର ଦାସ

## ରାଜନୀତିରେ ମହାମାରୀ ଛାୟା

କରୋନାରେ ରାଜ୍ୟ ରାଜନୀତି ପ୍ରାୟ ଶିକୁଳିରେ ବନ୍ଧା ହୋଇଯାଇଥିଲା। ସମସ୍ତ ରାଜନୈତିକ କାର୍ଯ୍ୟକଳାପ ଏକପ୍ରକାର ଠପ୍ ହୋଇଯାଇଥିଲା। ମହାମାରୀ ବେଳେ ଲୋକଙ୍କ ସେବା କରୁ କରୁ ଜୀବନ ହାରି ଦେଇଥିଲେ କେତେଜଣ ରାଜନେତା। ବିଜେଡିର ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଭାଜପାର ବାଲେଶ୍ୱର ବିଧାୟକ ମଦନମୋହନ ଦତ୍ତ, ତିର୍ତ୍ତୋଲର ବିଜେଡି ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ଅକାଳ ବିୟୋଗ ଘଟିଥିଲା। ଏଥିସହ ପୂର୍ବତନ ବାଚସ୍ପତି ଶରତ କର, ସେକ୍ ମତଲୁବ ଅଲ୍ଲୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀ, ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସୁବାସ ଚୌହାନଙ୍କ ସମେତ ବହୁ ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କୁ ରାଜ୍ୟ ହରାଇଥିଲା। କେବଳ ସେତିକି ନୁହେଁ, ବହୁ ବିଧାୟକ, ମନ୍ତ୍ରୀ, ନେତା କରୋନା କବଳିତ ହୋଇଥିଲେ।



ଶରତ କର
ମଦନ ମୋହନ ଦତ୍ତ
ମତଲୁବ ଅଲ୍ଲୀ
ବିଷ୍ଣୁ ଦାସ
ପ୍ରଦୀପ ମହାରଥୀ

## ଅପରାଧ

ବିଦାୟୀ ବର୍ଷର ଅପରାଧ କ୍ଷେତ୍ରରେ ସବୁଠୁ ବଡ଼ ଚର୍ଚ୍ଚାରେ ଥିଲା ପରୀ ହତ୍ୟାକାଣ୍ଡ। ଯାହା ଅନ୍ତିମ ଦିନ ପର୍ଯ୍ୟନ୍ତ ରହସ୍ୟରେ ରହିଗଲା। ଏହି ଘଟଣାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ଜଣେ ଛାତ୍ରଙ୍କୁ ଗିରଫ କରିଥିଲେ ମଧ୍ୟ ପୀଡ଼ିତାଙ୍କ ମା'ବାପାଙ୍କ ସମେତ ବିରୋଧୀ ରାଜନୈତିକ ଦଳ ବିଭିନ୍ନ ସଂଗଠନ ଏହାକୁ ଏକ ଫାର୍ସ ବୋଲି କହିଥିଲେ। ଏହା ସହ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ସାଙ୍ଗକୁ ତାଙ୍କ



ଛତ୍ରଛାୟା ତଳେ ଥିବା ଅଭିଯୁକ୍ତଙ୍କୁ ଗିରଫ ଏବଂ ସିବିଆଇ ତଦନ୍ତ ଦାବିରେ ଅଟଳ ରହିଛନ୍ତି। ଆଉ କେତେକ ଘଟଣା ମଧ୍ୟ ଆଲୋଚ୍ୟ ବର୍ଷରେ ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେଗୁଡ଼ିକ ମଧ୍ୟରେ ଟାଟା ମୋଟର୍ସରେ ଚାକିରି ନାଁରେ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ଜେଲ୍ ଯିବା, ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଜେଲ ଯିବାକୁ ପଡ଼ିଛି। ଏହି ଅଧ୍ୟାୟରେ ଅଭୟକାନ୍ତ ମଧ୍ୟ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁଅ ଓ ଭାବୀ ସମୁଦିଙ୍କ ସହ ଜେଲରେ ରହିଛନ୍ତି। ଏହି ସବୁ ମଧ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ଧଳସାମନ୍ତ ଭ୍ରାତାଙ୍କ ଘରେ ଥିବା ଅସ୍ତ୍ରାଗାର, ଯେଉଁଠୁ ଯେତେ ଖୋଜିଲେ ସେତେ ମିଳୁଥିଲା। କିନ୍ତୁ କଟକରେ ଆଇଆଇଏଫ୍‌ଏଲ୍‌ରୁ ବିପୁଳ ସୁନା ଲୁଟ, ଏକାଧିକ ଅପମିଶ୍ରଣ ଓ ନକଲି ସାମଗ୍ରୀ କାରଖାନା ଠାବ, ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ, ରେକର୍ଡ ସଂଖ୍ୟକ ନିଶା ସାମଗ୍ରୀ ଜବତ, ଏଟିଏମ୍ ଲୁଟ ଭଳି ଘଟଣାଠାରୁ ଅଧିକ ଭୟାନକ ଥିଲା ମହିଳା ଓ ଶିଶୁଙ୍କ କ୍ଷେତ୍ରରେ ଘଟିଥିବା ବଳାତ୍କାର, ହତ୍ୟା ଭଳି ଅପରାଧ। ଅନ୍ୟପକ୍ଷରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବଲାଙ୍ଗୀର ଜିଲାରେ ଏକ ପରିବାର ମୂଳପୋଛ ହୋଇଯାଇଥିଲା। ୧୦ବର୍ଷର ଆକ୍ରୋଶରୁ ଘଟିଥିବା ଏହି ଗଣହତ୍ୟାରେ ଝଡ଼ିଯାଇଥିଲା ୬ଜୀବନ। ଏସବୁ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ମା'ଝିଅଙ୍କ ହତ୍ୟା ଘଟଣାରେ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ ମୁଖ୍ୟ ଅଭିଯୁକ୍ତଭାବେ ଜେଲ ଯିବା। ବିବାହ ପାଇଁ ଜିଦ୍ ଏବଂ ସମ୍ପତ୍ତିରେ ଭାଗ ମାଗୁଥିବା ଜଣେ ମହିଳା ଓ ତାଙ୍କ କୁନି ଝିଅଙ୍କୁ ଛତିଶଗଡ଼ ଜଙ୍ଗଲରେ ହତ୍ୟାକରି ଫିଙ୍ଗିଥିବା ସ୍ୱୀକାର କରିଥିଲେ ଅନୁପ।

## ଦୁର୍ଘଟଣା

ବର୍ଷର ବଡ଼ ଦୁର୍ଘଟଣା ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ନିର୍ମାଣାଧୀନ ଛାତ ଭୁଶୁଡ଼ିବା। ଏହାପୂର୍ବରୁ ଜାନୁୟାରୀ ୪ରେ ପୁଅର ମୁଣ୍ଡନ ପାଇଁ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ୨ପରିବାର ସୀମାଞ୍ଚଳମରୁ ଫେରିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ୫ଜଣଙ୍କ ଜୀବନ ଚାଲିଯାଇଥିଲା। ସଡ଼କ ଦୁର୍ଘଟଣାର ଆଉ ଏକ ଭୟାନକ ଘଟଣା ଘଟିଥିଲା ଜାନୁୟାରୀ ୨୯ରେ। ତପ୍ତପାଣି ଘାଟିରେ ବସ୍ ଓଲଟି ଚାଲିଯାଇଥିଲା ୮ଜୀବନ। କିନ୍ତୁ ଫେବୃୟାରୀ ୯ରେ ଛାତି ଥରାଇ ଦେଇଥିଲା ଗଞ୍ଜାମ ଜିଲାର ଗୋଳନ୍ଥରା ଅଞ୍ଚଳରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ବସ୍ ଆସି ୧୧ଜଣଙ୍କ ମୃତ୍ୟୁ ଘଟଣା। ଗଞ୍ଜାମ ଜିଲାରେ ପୁଣି ଏକ ଦୁର୍ଘଟଣା ଘଟିଥିଲା ଫେବୃୟାରୀ ୨୩ରେ। ପାଳ ଗଦାରେ ନିଆଁ ଲଗାଇ ମିଛି ମିଛିକା ରୋଷେଇ କରି ଖେଳୁଥିବା ୪ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ମାର୍ଚ୍ଚ ପରଠୁ କରୋନାଜନିତ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ପ୍ରାୟତଃ ଗାଡ଼ି ଚଳାଚଳ ବନ୍ଦ ହେବାରୁ ଦୁର୍ଘଟଣା ପରିମାଣ ହ୍ରାସ ପାଇଥିଲା। ତେବେ ଅକ୍ଟୋବର ୭ ଅପରାହ୍ନ ୨ଟାରେ ଥରି ଉଠିଥିଲା ରାଜଧାନୀ। ରାଜଭବନ ସମ୍ମୁଖ ନିକଟସ୍ଥ ପେଟ୍ରୋଲ ପମ୍ପର ଏଲ୍‌ପିଜି ଟାଙ୍କି ବିସ୍ଫୋରଣ ଘଟିଥିଲା। ଯାହାର ପ୍ରକୋପ ପ୍ରାୟ ୩କିଲୋମିଟର ଦୂର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ୧୦ଦିନ ପରେ ଭୁବନେଶ୍ୱର-କଟକ ରାସ୍ତା ପାର୍ଶ୍ୱରେ ଥିବା କେନାଲକୁ ଖସିଯାଇଥିଲା ଏକ କାର୍। ଯେଉଁଥିରେ ପ୍ରାଣ ହରାଇଥିଲେ ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନଙ୍କ ପୁଅ ଅଙ୍କୁରଙ୍କ ସମେତ ୩ଜଣ। ନଭେମ୍ବର ୨୫ରେ ନୟାଗଡ଼ ଶରଣକୁଳଠାରେ ଘଟିଥିଲା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଡମ୍ପର ମାଡ଼ିଯିବାରୁ ୬ଜଣଙ୍କ ଅକାଳ ମୃତ୍ୟୁ ଘଟିଥିଲା।




## ୯ମାସ ଭକ୍ତ-ଭଗବାନ ଅନ୍ତର



କରୋନା ଯୋଗୁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଟାଣି ହୋଇଥିଲା ଲକ୍ଷ୍ମଣଗାର। ସଂକ୍ରମଣକୁ ଦୃଷ୍ଟିରେ ରଖି ମନ୍ଦିର ଓ ଧର୍ମାନୁଷ୍ଠାନ ସବୁ ବନ୍ଦ ରହିଥିଲା। ଦୀର୍ଘ ୯ମାସ ଧରି ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ ଶ୍ରଦ୍ଧାଳୁ। ଏପରି କି ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ମଧ୍ୟ ଏଥର ବିନା ଭକ୍ତରେ ହୋଇଥିଲା। ଶେଷମୂହୁର୍ତ୍ତରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେବାୟତମାନେ ଦାରୁଦିଅଁଙ୍କ ରଥ ଟାଣି ଇତିହାସ ରଚିଥିଲେ। ଏପରି କି ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ମଧ୍ୟ ବିନା ଭକ୍ତରେ ସମାପନ ହୋଇଛି। କେବଳ ଶ୍ରୀମନ୍ଦିର ନୁହେଁ ରାଜ୍ୟର ସମସ୍ତ ମନ୍ଦିର ଓ ଧର୍ମାନୁଷ୍ଠାନରେ ତାଲା ପଡ଼ିଥିଲା। କୋଭିଡ୍ କଟକଣା ମଧ୍ୟରେ ଏବେ ଧୀରେ ଧୀରେ ମନ୍ଦିର ଖୋଲିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି।

## ଆଇନ ଅଦାଲତ



କରୋନା କବଳରେ ଅଦାଲତ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥିଲା। ଦୀର୍ଘଦିନ ଧରି କୋର୍ଟ ବନ୍ଦ ରହିବା ସହ ଭର୍ଚୁଆଲ୍ ମାଧ୍ୟମରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ହୋଇଥିଲା। ହାଇକୋର୍ଟ କାର୍ଯ୍ୟ ବ୍ୟାହତ ହୋଇଥିଲେ ମଧ୍ୟ ଆଲୋଚ୍ୟ ବର୍ଷରେ କେତେକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଥିଲା। ସେଥିମଧ୍ୟରେ ସହମ୍ମତିରେ ସମ୍ପର୍କ ବଳାତ୍କାର ନୁହେଁ, ହୋମଗାର୍ଡଙ୍କୁ ଦୈନିକ ୫୩୩ଟଙ୍କା ଭତ୍ତା ଆଦି ଅନ୍ୟତମ। ଅନ୍ୟପକ୍ଷରେ ଅଦାଲତ ଦୀର୍ଘଦିନ ଧରି ବନ୍ଦ ରହିବା କାରଣରୁ ବହୁ ଆଇନଜୀବୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏପରି କି କିଛି କୋର୍ଟ ସମ୍ମୁଖରେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ହାଇକୋର୍ଟ ପାଇଥିଲା ନୂଆ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କ ସମେତ ଏକାଧିକ ବିଚାରପତି। ତେବେ ବର୍ଷ ଶେଷଭାଗରେ ସୁପ୍ରିମକୋର୍ଟଙ୍କ କଲେଜିୟମ ପଞ୍ଜାବ ଓ ହରିୟାଣା ବିଚାରପତି ଏସ୍. ମୁରଲିଧରଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ମହମ୍ମଦ ରଫିକ୍‌ଙ୍କୁ ମଧ୍ୟପ୍ରଦେଶ ମୁଖ୍ୟ ବିଚାରପତି ଭାବେ ସୁପାରିସ କରିଛନ୍ତି।

## ଅର୍ଥନୀତି ଉପରେ ପ୍ରହାର



କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୦-୨୧ ଆର୍ଥିକବର୍ଷରେ ରାଜ୍ୟର ବିକାଶ ହାର ପାଖାପାଖି ୨ ପ୍ରତିଶତ ହ୍ରାସ ପାଇଛି। ଟିକସ ସଂଗ୍ରହ ହ୍ରାସ ପାଇବା ଯୋଗୁ ଅନେକ ବିକାଶମୂଳକ ଯୋଜନା ଅଟକି ରହିଛି। ୨୦୧୯ ଏପ୍ରିଲ୍‌ରେ ରାଜ୍ୟରେ ୧୩୭୫.୭୯ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିବାବେଳେ ୨୦୨୦ରେ ୩୮୧.୭୭ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ସେହିଭଳି ପରବର୍ତ୍ତୀ ମାସଗୁଡ଼ିକରେ ମଧ୍ୟ ଟିକସ ସଂଗ୍ରହ ପୂର୍ବବର୍ଷ ଠାରୁ ଅପେକ୍ଷାକୃତଭାବେ କମ୍ ରହିଥିଲା। ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ଟିକସ ସଂଗ୍ରହରେ ୨୪.୧୧% ହ୍ରାସ ପରିଲକ୍ଷିତ ହୋଇଥିଲା। ରାଜ୍ୟରେ ଶିଳ୍ପଭିତ୍ତିକ ଅର୍ଥନୀତି ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ପ୍ରସ୍ତାବିତ ପୁଞ୍ଜି ବିନିଯୋଗ ପ୍ରକଳ୍ପଗୁଡ଼ିକ ବାଧାପ୍ରାପ୍ତ ହୋଇଥିଲା। ଏପଟେ ପର୍ଯ୍ୟଟନ ସହ ହୋଟେଲ ଓ ହସ୍ପିଟାଲିଟି ଇଣ୍ଡଷ୍ଟ୍ରି ମଧ୍ୟ କୋଭିଡ୍ ମହାମାରୀ ପାଇଁ ବିଶେଷଭାବେ ପ୍ରଭାବିତ ହୋଇଛି। ୬ମାସରୁ ଅଧିକ ସମୟ ଧରି ହୋଟେଲ ଏବଂ ପର୍ଯ୍ୟଟନସ୍ଥଳୀ ବନ୍ଦ ରହିବା ଦ୍ୱାରା ଲକ୍ଷାଧିକ ଲୋକ ନିଯୁକ୍ତି ହରାଇଥିବା ବେଳେ ହଜାର ହଜାର କୋଟି କ୍ଷତି ସହିବାକୁ ପଡ଼ିଛି। ସେହିଭଳି ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହେବାଦ୍ୱାରା ସର୍ବାଧିକ ରାଜସ୍ୱ ଦେଉଥିବା ଖଣି କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇଥିଲା।

## ଚର୍ଚ୍ଚାରେ ବର୍ଷା, ଅନୁଭବ



୨୦୨୦ରେ ଓଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ବୈବାହିକ ସମ୍ପର୍କରେ ତିକ୍ତତାକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ ଉଭୟେ। ଜୁଲାଇ ୬ରେ ଅନୁଭବ ସ୍ତ୍ରୀ ବର୍ଷାଙ୍କ ବିରୋଧରେ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ଆବେଦନ କରିଥିଲେ। ଦାମ୍ପତ୍ୟ ଜୀବନରେ ବର୍ଷା ସହଯୋଗ କରୁ ନ ଥିବା ଅଭିଯୋଗରେ ଅନୁଭବ ଏହି ମାମଲା ରୁଜୁ କରିଥିଲେ। ଅପରପକ୍ଷରେ ସ୍ୱାମୀ ଅନୁଭବଙ୍କ ବିରୋଧରେ ପାରିବାରିକ ହିଂସା ଅଭିଯୋଗ ଆଣିଥିଲେ ବର୍ଷା। ସେ ଜୁଲାଇ ୭ତାରିଖରେ କଟକ ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏପରି କି ଉଭୟଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଆପୋସ ସମାଧାନ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଗଠିତ ମେଡିଏଶନ ସେଣ୍ଟର ଦ୍ୱାରା ବୁଝାମଣା କରାଯିବାକୁ ଚେଷ୍ଟା କରାଯାଇଥିଲା। ଶେଷରେ ରାଜ୍ୟ ମହିଳା କମିଶନଙ୍କ ନିକଟରେ ବର୍ଷା, ଅନୁଭବ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ହାଜର ହେବାକୁ ପଡ଼ିଛି।

## ଏକକ ପିଜି ପ୍ରବେଶିକା ପରୀକ୍ଷା

ଚଳିତ ବର୍ଷ ରାଜ୍ୟରେ ରାଜ୍ୟ ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଏକକ ପିଜି ପ୍ରବେଶିକା ପରୀକ୍ଷା ହୋଇଥିଲା। ରାଜ୍ୟରେ ପ୍ରଥମଥର ପାଇଁ ୭୦ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ପିଜି ପାଠ୍ୟକ୍ରମର ୧୪,୪୦୧ ଗୋଟି ପିଜି ସିଟ୍ ପାଇଁ ଏକକ ପ୍ରବେଶିକା ପରୀକ୍ଷା ହୋଇଥିଲା। ପ୍ରବେଶିକା ପରୀକ୍ଷା ନିମନ୍ତେ ୭୧,୬୮୯ଟି ହଲ୍ ଟିକେଟ୍ ଜାରି କରାଯାଇଥିଲା।

## ଏନ୍‌ଇଇଟିରେ ଓଡ଼ିଆ ପୁଅ ଶ୍ରେଷ୍ଠ



ସୋଏବ ଅଫତାବ

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ପରୀକ୍ଷା ଫଳରେ ଓଡ଼ିଶାର ସୋଏବ ଅଫତାବ ଏନ୍‌ଇଇଟି ଟପ୍ପର ହୋଇଛନ୍ତି। ସର୍ବଭାରତୀୟସ୍ତରରେ ସେ ର୍ୟାଙ୍କ ୧ ହାସଲ କରିଛନ୍ତି। ସେ ମୋଟ ୭୨୦ରୁ ୭୨୦ ନମ୍ବର ରଖିଛନ୍ତି। ରାଉରକେଲାର ସୋଏବ ଓଡ଼ିଶାର ପ୍ରଥମ ଛାତ୍ର ଭାବେ ଏନ୍‌ଇଇଟି ଟପ୍ପର ହୋଇଛନ୍ତି। ସୋଏବଙ୍କ ଏହି ସଫଳତା କେବଳ ଓଡ଼ିଶା ପାଇଁ ଗୌରବ ଆଣିଦେଇନି, ବରଂ ଦେଶ ପାଇଁ ମଧ୍ୟ ଇତିହାସ ସୃଷ୍ଟି କରିଛି। କାରଣ ଏନ୍‌ଇଇଟିରେ ୧୦୦% ରଖିବାରେ ସୋଏବ ହେଉଛନ୍ତି ପ୍ରଥମ ଛାତ୍ର।

## ଅନୁଗୋଳରୁ ୧୬ ପଜିଟିଭ୍

**ଅନୁଗୋଳ ଅଫିସ, ୩୦।୧୨:** ଅନୁଗୋଳ ଜିଲାରୁ ବୁଧବାର ୧୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୩୪ ଜଣ ସୁସ୍ଥ ହୋଇଛନ୍ତି। ଏହାପରେ ମୋଟ ପଜିଟିଭ୍ ସଂଖ୍ୟା ୧୧,୮୪୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳର ୩, ବଣ୍ଡରପାଳ ବ୍ଲକର ୪, ତାଳଚେରର ୩, କଣିହାଁ ବ୍ଲକର ୨, କିଶୋରନଗର, ପାଲଲହଡ଼ା, ଅନୁଗୋଳ ଏବଂ ଛେଣ୍ଡିପଦା ବ୍ଲକରୁ ଜଣେ ଲେଖାଏ ଅଛନ୍ତି।

**ସଂକ୍ଷେପରେ**

### ସାଂସ୍କୃତିକ ଉତ୍ସବ

**ଢେଙ୍କାନାଳ ଅଫିସ, ୩୦।୧୨:** ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'ସେଲ୍ଫ ହେଲ୍ପ୍ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅବସରପ୍ରାପ୍ତ ଅଧକ୍ଷ ହରେକୃଷ୍ଣ କର, ସମ୍ମାନିତ ଅତିଥି ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ସଂସ୍କୃତ ଅଧାପକ ସୌମ୍ୟରଞ୍ଜନ ମହାପାତ୍ର ଯୋଗଦେଇ ଉତ୍କଳର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ସମୀର ପୃଷ୍ଟି ଏବଂ ଆଶିଷ ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦୀପ୍ତିମୟ ମିଶ୍ର, ସୁଶାନ୍ତ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଣିହାଁ ଥାନାର ନୂଆ ଅଧିକାରୀ

**କଣିହାଁ, ୩୦।୧୨(ଡି.ଏନ.ଏ.):** କଣିହାଁ ଥାନାର ନୂତନ ଅଧିକାରୀ ଭାବେ ମଙ୍ଗଳବାର ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇଛନ୍ତି। ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ, ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏଠାରେ କାର୍ଯ୍ୟରତ ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କୁ ନୂତନ ଭାବେ କାର୍ଯ୍ୟକ୍ଷମ ହେବାକୁ ଥିବା ଅନୁଗୋଳ ଥାନାରେ ନିଯୁକ୍ତି ଦିଆଯାଇଛି।

### ଆଞ୍ଚଳିକ ପାଣ ସମାଜ ବୈଠକ

**କାମାକ୍ଷାନଗର, ୩୦।୧୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଆମ୍ବେଦକର ମୂଳନିବାସୀ ଦଳିତ ସେବାସଂଘ ଆନୁକୂଲ୍ୟରେ ମଙ୍ଗଳବାର ଜିରାଳ ଆଞ୍ଚଳିକ ପାଣ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ସେବା ସଂଘର ସଭାପତି ଭିକାରି ଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଚନ୍ଦ୍ରମଣି ମଲ୍ଲିକ, ଲମ୍ବୋଦର ନାୟକ, ପ୍ରସନ୍ନ ନାୟକ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

### ପିଏଲ୍ଭିର ନୂତନ କର୍ମକର୍ତ୍ତା

**ଭୁବନ, ୩୦।୧୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ପାରାଲିଗାଲ ଭଲ୍ୟୁଣ୍ଟିୟର (ପିଏଲ୍ଭି)ଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ସୁରେନ୍ଦ୍ର ପୃଷ୍ଟି ଅଧକ୍ଷତା କରି ସାମାଜିକ କର୍ମୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ବିପିନ ବିହାରୀ ସେଠୀ, ଉପସଭାପତି ସୁବ୍ରତ ବିଶ୍ୱାଳ, ସମ୍ପାଦକ ଧୀରେନ୍ଦ୍ର ପୃଷ୍ଟି, ସହ ସମ୍ପାଦକ ଅନାମ ଚରଣ ସାହୁ, କୋଷାଧକ୍ଷ ଭାବେ ଲିଲି ସାହୁ ମନୋନୀତ ହୋଇଛନ୍ତି। କମଳ ଲୋଚନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ବଇଣ୍ଡା, ୩୦।୧୨(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡାର ବ୍ୟବସାୟୀ ଶ୍ୟାମସୁନ୍ଦର ବେହେରାଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅନ୍ତିମ ସମୟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦରଙ୍କ ପରଲୋକରେ ଭାଜପା ନେତା ଭାଗୀରଥି ପ୍ରଧାନ, ସରପଞ୍ଚ ଜଳଧର ସାହୁ, ଜିଲାପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ବଣିଆନଟି ବିଦ୍ୟାଳୟ ବନ୍ଦକୁ ବିରୋଧ

**ଛେଣ୍ଡିପଦା, ୩୦।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବାଗେଡ଼ିଆ ପଞ୍ଚାୟତ ଅଧୀନ ବଣିଆନଟି ପ୍ରାଥମିକ ବିଦ୍ୟାଳୟ ପୁନର୍ବାର ଖୋଲିବା ନେଇ ଅଭିଭାବକ ଦାବି କରିଛନ୍ତି। ୧୫ରୁ କମ୍ ଛାତ୍ରୀଛାତ୍ର ପଢୁଥିବା ସ୍କୁଲଗୁଡ଼ିକୁ ନିକଟ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। କୋଭିଡ୍ ସମୟରେ ସ୍କୁଲ ବନ୍ଦ ଥିବାରୁ ଛାତ୍ରଛାତ୍ରୀମାନେ ଟ୍ରାନ୍ସଫର୍ ସାର୍ଟିଫିକେଟ୍ ନେଇପାରିନାହାନ୍ତି। ଅନେକେ ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦରେ ସ୍କୁଲ କମିଟି ସଭାପତି ପ୍ରମୋଦ ସାହୁଙ୍କ ଆହ୍ୱାନକ୍ରମେ ୭୦ରୁ ଊର୍ଦ୍ଧ୍ୱ ଅଭିଭାବକ ଏକାଠି ହୋଇଥିଲେ। ଏହି ସ୍କୁଲକୁ ପୁନର୍ବାର ଖୋଲିବା ଲାଗି ବିଇଓ, ଜିଲାପାଳ, ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଶିକ୍ଷାବିତ୍ ଜଗନ୍ନାଥ ସାହୁ, ଦାଶରଥି ବାରିକ, ହୃଷୀକେଶ ଦେହୁରୀ, ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ ସଦର ଥାନା ଉଦ୍‌ଘାଟିତ



ଅନୁଗୋଳ ସଦର ଥାନାକୁ ବିଧାୟକ ରଜନୀକାନ୍ତ ସିଂ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି।

- କୋଭିଡ୍ ସମୟରେ ପୋଲିସ କାର୍ଯ୍ୟ ପ୍ରଶଂସନୀୟ: ମୁଖ୍ୟମନ୍ତ୍ରୀ
- ପ୍ରଭାତ ତ୍ରିପାଠୀ ପ୍ରଥମ ଆଇଆଇସି
- ୭ ଏସ୍ଆଇ, ୫ ଏଏସ୍ଆଇଙ୍କୁ ନିଯୁକ୍ତି

**ଅନୁଗୋଳ ଅଫିସ, ୩୦।୧୨**

ବହୁ ପ୍ରତୀକ୍ଷିତ ଅନୁଗୋଳ ସଦର ଥାନା ବୁଧବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। କୋଭିଡ୍-୧୯ ସମୟରେ ଓଡ଼ିଶା ପୋଲିସର କାର୍ଯ୍ୟ ପ୍ରଶଂସନୀୟ। ୨୦୨୦ରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧ ନିୟନ୍ତ୍ରଣାଧୀନ ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଡିଜିପି ଅଭୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ବିଧାୟକ ରଜନୀକାନ୍ତ ସିଂ, ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ବାସୁଦେବ ଶତପଥୀ, ଏସ୍‌ଡିପିଓ ଅଶ୍ୱିନୀ ସାହୁଙ୍କ ସମେତ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅନୁଗୋଳ ସହରଠାରୁ ୬ କିଲୋମିଟର ଦୂର ଚନ୍ଦ୍ରବାହଲଠାରେ ସଦର ଥାନା କାର୍ଯ୍ୟକ୍ଷମ ହୋଇଛି। ଏଥିରେ ଅନୁଗୋଳ, ବଣ୍ଡରପାଳ ଏବଂ ଛେଣ୍ଡିପଦା ବ୍ଲକ ଅଧୀନ ୧୮ ପଞ୍ଚାୟତ ଅନ୍ତର୍ଗତ ୮୩ ଗ୍ରାମକୁ ସାମିଲ କରାଯାଇଛି। ପ୍ରଥମ ଥାନାଧିକାରୀ ଭାବେ ପ୍ରଭାତ କୁମାର ତ୍ରିପାଠୀଙ୍କ ସମେତ ୭ ଏସ୍ଆଇ, ୪ ଏଏସ୍ଆଇ, ୨ ହାବିଲଦାର, ୨୩ କନଷ୍ଟେବଲ ଏବଂ ୧୦ ଓଏପିଏଫଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଛେଣ୍ଡିପଦା ବ୍ଲକର ନତଡ଼ା, ବଣ୍ଡରପାଳ ବ୍ଲକର କୁଇଓ ଜାମୁନାଳୀ, ବେଣାଗାଡ଼ିଆ, ଜରାସିଂହା, କୁମଣ୍ଡ, କରଡ଼ାଗାଡ଼ିଆ, ତୁଳସୀପାଳ, ଅନୁଗୋଳ ବ୍ଲକର ନୂଆମୌଜ, ରନ୍ତଲେଇ, ବାଲୁଆକଟା, କୁମୁରିସିଂହା, ଇଙ୍କରବନ୍ଧ, ବଲାସିଂହା, ସାକସିଂହା, ଖଲାରୀ, ଛେଳିଆପଡ଼ା, କାଙ୍ଗୁଲା-ବେନ୍ତପୁର ଏବଂ ଅଙ୍ଗାରବନ୍ଧ ଅଞ୍ଚଳବାସୀ ଆବଶ୍ୟକ ସମୟରେ ସଦର ଥାନାର ସହାୟତା ଲୋଡ଼ିପାରିବେ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଅନୁଗୋଳ ସହରରେ ଗୋଟିଏ ଥାନା ରହିଥିଲା। ଏହା ଉପରେ ଅନୁଗୋଳ, ଛେଣ୍ଡିପଦା ଏବଂ ବଣ୍ଡରପାଳ ବ୍ଲକର ୨୧ ପଞ୍ଚାୟତର ଦାୟିତ୍ୱ ରହିଥିଲା। ଶିଳ୍ପ ଜିଲା ସମେତ ପ୍ରଶାସନିକ କେନ୍ଦ୍ର ହୋଇଥିବାରୁ ରେକର୍ଡ ସଂଖ୍ୟକ ମାମଲା ରୁଜୁ ହେଉଥିଲା। ସଦର ଥାନା ଆରମ୍ଭ ହେବାପରେ ଅନୁଗୋଳ ଥାନାର ଚାପ କମିବ ବୋଲି ବିଭାଗ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।

# 'କଳାସଂସ୍କୃତି ସମାଜର ଅବିଚ୍ଛେଦ୍ୟ ଅଙ୍ଗ'


ଜଣେ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୩୦।୧୨**

କଳାସଂସ୍କୃତି ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଏହାର ବିକାଶରେ ସାମଗ୍ରିକ ବିକାଶ ସମ୍ଭବ ବୋଲି କହିଛନ୍ତି ଢେଙ୍କାନାଳ ତହସିଲଦାର ଲକ୍ଷ୍ମୀଧର ରାଉତ। ସ୍ଥାନୀୟ ଲେଖକ ସଂସଦ ଭବନ ପରିସରରେ ଆୟୋଜିତ ସାଂସ୍କୃତିକ ଅନୁଷ୍ଠାନ 'ତ୍ରିରଙ୍ଗା ଓ ସୁପ୍ରଭାତ'ର ୨୧ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ। ନିରାଡମ୍ବର ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ଶିକ୍ଷାବିତ୍ ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ କୋଭିଡ୍-୧୯ ସଂକ୍ରମଣରେ ନିଃସ୍ୱାର୍ଥପର ସେବା ଯୋଗାଇ ଆସୁଥିବା କରୋନା ଯୋଦ୍ଧା ଡା. ରାଜକିଶୋର ସେଠୀ, ଅଭିନେତା ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ସାମାଜିକ କର୍ମୀ ବିକାଶ ସାହୁ, ଉଦୟେନ୍ଦୁ ମିଶ୍ର, ରାଜେଶ କୁମାର ସୋନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ନିର୍ଦ୍ଦେଶକ ସୁରେଶ ପଣ୍ଡା, ସାଇଶ୍ରୀ ଚିକିତ୍ସାଳୟର ନରୋତ୍ତମ ପରିଡ଼ା, ବଜରଙ୍ଗ କ୍ଲବ, ଗୋକୁଳାନନ୍ଦ ଚାରିଟେବୁଲ ଟ୍ରଷ୍ଟ, ପୌରସଂସ୍ଥା ଏବଂ ହେଲ୍ପିଂ ହ୍ୟାଣ୍ଡ୍ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକା ରାଜଶ୍ରୀ ଶତପଥୀ, ଉପଦେଷ୍ଟା ଦେବାଶିଷ ମିଶ୍ର, ଶକ୍ତିସ୍ୱରୂପ ଦାସ, ଅରବିନ୍ଦ ସାହୁ, ଅଭୟ ସାହୁ, ଆଶିଷ ଶତପଥୀ, ମନୋହର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବିଧାୟକ ସୁଧୀର କୁମାର ସାମଲଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା।

# ବିଦ୍ୟୁତ୍ ସଂଯୋଗ ନ ମିଳିଲେ ଆନ୍ଦୋଳନ


ଟିପିସିଓଡିଏଲ୍ ଅଧିକାରୀଙ୍କୁ ଭେଟି ଗ୍ରାମବାସୀ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ, ୩୦।୧୨**

ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (ଡିଡିୟୁଜିଜେୱାଇ)ରେ ବିଦ୍ୟୁତ୍ ସଂଯୋଗ ଦାବି କରିଛନ୍ତି ଅନୁଗୋଳ ବ୍ଲକ ସଦର ମହକୁମା ନିକଟସ୍ଥ ଆଙ୍କୁଲା ଗ୍ରାମବାସୀ। ଠିକାଦାରଙ୍କ ଅବହେଳା ପାଇଁ ଗରିବ ପରିବାର ବିଜୁଳି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଡିଡିୟୁଜିଜେୱାଇ କାମ ନେଇଥିବା ଠିକାଦାର ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତିଛନ୍ତି। କେତେକ ଘରେ ତାର ଟାଣି ମିଟର ବସାଯାଇଛି। ଅନେକ ଘରେ କେବଳ ମିଟର ଟାଙ୍ଗି ଦିଆଯାଇଥିବାବେଳେ ବିଦ୍ୟୁତ୍ ତାର ସଂଯୋଗ ହୋଇନାହିଁ। ସରକାର ବିଦ୍ୟୁତୀକରଣକୁ ଗୁରୁତ୍ୱ ଦେଉଥିବା କହୁଥିବାବେଳେ ଆଙ୍କୁଲା ଗ୍ରାମର ଗରିବ ପରିବାର ଏଥିରୁ ବଞ୍ଚିତ ହେବା ଯୋଜନାର ବିଫଳତା ବୋଲି ଏସ୍‌ୟୁସିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ଅବହେଳା ନେଇ ବାରମ୍ବାର ଜିଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଦ୍ୱାରସ୍ଥ ହୋଇଥିଲେ ହେଁ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ବୁଧବାର ବିଷ୍ଣୁ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଅନୁଗୋଳ ଟିପିସିଓଡିଏଲ୍ କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ ଗୁରୁତ୍ୱର ସହ ବିଚାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଝିଲି ବେହେରା, ଏସ୍‌ୟୁସିଆଇର ବ୍ରଜବନ୍ଧୁ ସାହୁ, ନାରାୟଣ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଆଶା ନିଯୁକ୍ତିରେ ପାତରଅନ୍ତର ଅଭିଯୋଗ

**ଅନୁଗୋଳ ଅଫିସ, ୩୦।୧୨**

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ଆଶାକର୍ମୀ ନିଯୁକ୍ତିରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ୫୦ରୁ ଊର୍ଦ୍ଧ୍ୱ ମହିଳା ଶୋଭାଯାତ୍ରାରେ ଆସି ସିଡିଏମ୍‌ଓ କାର୍ଯ୍ୟାଳୟ ଆଗରେ ନାରାବାଜି କରିଥିଲେ। ଅଭିଯୋଗ ଅନୁଯାୟୀ, କିଶୋରନଗର ବ୍ଲକ ମାଣିକପୁର ଗ୍ରାମର ଆଶାକର୍ମୀ ବିନିକା ସୁନାଙ୍କ ଗତ ମାର୍ଚ୍ଚ ୨୭ରେ ମୃତ୍ୟୁ ଘଟିଥିଲା। ତାଙ୍କ ଝିଅ ଟିକିନାବାଳା ଏହି କାର୍ଯ୍ୟ ତୁଲାଉଥିଲେ। ମା'ଙ୍କ ଚାକିରି ତାଙ୍କୁ ପ୍ରଦାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ପରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ପାଇଥିବା ଆଶା ଏସ୍‌ଏଚ୍‌ଜି ସଦସ୍ୟଙ୍କଠାରୁ ଜବରଦସ୍ତ ଦସ୍ତଖତ କରି ନେଇଯାଇଥିବା ଅଭିଯୋଗ ହୋଇଛି। ସିଡିଏମ୍‌ଓଙ୍କ ପରାମର୍ଶକ୍ରମେ ଜିଲା ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱରଞ୍ଜନ ରଥ, କିଶୋରନଗର ବିଡିଓ ମହିଳାଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ସିଡିଏମ୍‌ଓ ଅଭୟ କୁମାର ଦାଶ କୁହନ୍ତି, ଆଶାକର୍ମୀ ନିଯୁକ୍ତିରେ କୌଣସି ଅନିୟମିତତା ହୋଇନାହିଁ। ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦିଆଯାଇଛି। ଟିକିନାବାଳା କୁହନ୍ତି, ନିଯୁକ୍ତି ଦିଆ ନ ଗଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଆପଣାଇବେ।

# ଡିଇଓ କାର୍ଯ୍ୟାଳୟ ଘେରିଲେ ପାଚିକା



ଅନୁଗୋଳ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ପାଚିକା ସଂଘର ଧାରଣା।

**ଅନୁଗୋଳ ଅଫିସ, ୩୦।୧୨**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଭାଗର ବରିଷ୍ଠ କିରାଣିଙ୍କୁ ପ୍ରଦାନ କରାଯାଇଛି।୨୮ ମାସର ବର୍ଦ୍ଧିତ ବକେୟା ଦରମା, ୨୦୦୯ ନଭେମ୍ବରରୁ ୨୦୧୨ ଏପ୍ରିଲ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକା-ସହାୟିକାଙ୍କ ତାଲିକା ପ୍ରସ୍ତୁତ, ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା ପାଚିକା ଏବଂ ସହାୟିକାଙ୍କୁ ନିଯୁକ୍ତି, କରୋନା ସମୟରେ ପ୍ରତିମାସ ନିୟମିତ ଦରମା, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୨୦୧୮ ଏପ୍ରିଲରୁ ୨୦୦୦ଟଙ୍କା ବକେୟା ପାରିଶ୍ରମିକ, ୧୦ହଜାର ଟଙ୍କା କରୋନା ସହାୟତା ପ୍ରଦାନ କରିବା, ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ୨୧ ହଜାର ଟଙ୍କା ପ୍ରଦାନ ଆଦି ଦାବିରେ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲା ସଭାପତି ବ୍ରଜବନ୍ଧୁ ସାହୁ, ଉପସଭାପତି ଛାୟା ପ୍ରଧାନଙ୍କ ନେତୃତ୍ୱରେ ପାଚିକା ସଂଘ ସମ୍ପାଦିକା ବୁଲି ବାରିକ, ନୟନା ସାହୁ, କାମିନୀ ନାୟକ, ଶଶିଲେଖା ସାହୁ, ଚିଲି ସାହୁ, ରୀନା ସେନାପତି, ମୂଳିଆ ସାହୁ, ପ୍ରମିଳା ସାହୁ, କମଳା ମହାନ୍ତି, ସୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାସ୍ତରରେ ପାଚିକାଙ୍କ ସମସ୍ୟା ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନୁରୂପ ଭାବେ ଗତ ମଙ୍ଗଳବାର କଣିହାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସହାୟିକା ସଂଘ ସଭାନେତ୍ରୀ ମାନସୀ ସ୍ୱାଇଁ ଏବଂ ଆଠମଲ୍ଲିକ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା।

# ଜେଏସ୍‌ପିଏଲ୍ ପକ୍ଷରୁ ଉପଯୋଗୀ ଗୃହ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨୯।୧୨**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲ ବୁଧବାର ଅନୁଗୋଳସ୍ଥିତ ଆଦୃତା ଶିଶୁ ସଦନ ପରିସରରେ ଉପଯୋଗୀ ହଲ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଲେ, ଆଦୃତା ଅନ୍ତେବାସୀ ଜେଏସ୍‌ପିଏଲ ଫାଉଣ୍ଡେଶନ ପାଇଁ ସ୍ୱତନ୍ତ୍ର। ଏହି ଉପଯୋଗୀ ହଲ୍ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ଅନ୍ୟ ଜରୁରୀ କାର୍ଯ୍ୟରେ ସହାୟକ ହେବ। ସେ ସଦନର ସମସ୍ତ ଶିଶୁଙ୍କ ନିରାମୟ ଜୀବନ ଏବଂ ସଫଳତା କାମନା କରିଥିଲେ।

୧,୩୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ଏହି ଗୃହ ନିର୍ମିତ ହୋଇଛି। ଏଠାରେ ଶିଶୁ ସଦନର ୧୨୦ ଅନ୍ତେବାସୀ ସାମୂହିକ ଭୋଜନ, ଅଧ୍ୟୟନ, ଇନ୍‌ଡୋର କ୍ରୀଡା ପ୍ରକୋଷ୍ଠ ଏବଂ ମନୋରଞ୍ଜନ କାର୍ଯ୍ୟରେ ବ୍ୟବହାର କରିପାରିବେ। ହଲ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ବିଶିଷ୍ଟ ଲାଇବ୍ରେରି ବ୍ୟବସ୍ଥା କରାଯାଇଛି। କମ୍ପାନୀ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସ୍‌ଆର୍) ଅଧୀନରେ ୨୦୦୯ରୁ ଆଦୃତା ଶିଶୁ ସଦନର ଅନ୍ତେବାସୀଙ୍କୁ ସହାୟତା କରିଆସୁଛି। ଏଠାରେ ବାଳିକାମାନଙ୍କ ପାଇଁ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ୩ ମହଲା ଘର ନିର୍ମାଣ ସହ ସ୍କୁଲ ବସ୍‌ର ବ୍ୟବସ୍ଥା ମଧ୍ୟ କରାଯାଇଛି।


ଜେଏସ୍‌ପିଏଲ୍‌ର ଅଧକ୍ଷା ଶାଲୁ ଜିନ୍ଦଲ ଗୃହ ଉଦ୍‌ଘାଟନ କରୁଛନ୍ତି।

# ଅନାସ୍ଥା ହାରିଲେ କନ୍ତୋର ସରପଞ୍ଚ

**ପରଜଙ୍ଗ, ୩୦।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କନ୍ତୋର ପଞ୍ଚାୟତର ସରପଞ୍ଚ ଚୁମୁକି ବେହେରା ଅନାସ୍ଥାରେ ହାରିଛନ୍ତି। ତାଙ୍କ ପଦବୀ ଯିବା ନିଶ୍ଚିତ ହୋଇଛି। ୧୨ ୱାର୍ଡ ବିଶିଷ୍ଟ କନ୍ତୋର ପଞ୍ଚାୟତରେ ସରପଞ୍ଚଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ୱାର୍ଡସଭ୍ୟ ମେଳି ବାନ୍ଧିଥିଲେ। ସେମାନେ ଅନାସ୍ଥା ଆଗତ କରିଥିଲେ। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ବୁଧବାର ଭୋଟ୍ ହୋଇଥିଲା। ବିଡିଓ ବସନ୍ତ କୁମାର ମଲ୍ଲିକ ମାଜିଷ୍ଟ୍ରେଟ ଏବଂ ତହସିଲଦାର ଜୟନ୍ତ କୁମାର ଜୟସିଂ ପ୍ରଜାଇଡିଂ ଅଫିସର ଭାବେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ମତଦାନ ହୋଇଥିଲା। ଅସନ୍ତୁଷ୍ଟ ୧୦ ୱାର୍ଡମେମ୍ବର ଅନାସ୍ଥା ସପକ୍ଷରେ ମତଦାନ କରିଥିବାବେଳେ ସରପଞ୍ଚଙ୍କ ସମେତ ଅନ୍ୟ ୨ଜଣ ଅନୁପସ୍ଥିତ ଥିଲେ। ସରପଞ୍ଚ ପଦବୀ ହରାଇଥିବା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପ୍ରଶାସନିକସ୍ତରରେ ଏହାର ଘୋଷଣା କରାଯିବ ବୋଲି ଅଧିକାରୀ କହିଛନ୍ତି।

# ଟିକାକରଣ ପ୍ରାକ୍ ପ୍ରସ୍ତୁତି ଶେଷ

**ଢେଙ୍କାନାଳ ଅଫିସ, ୩୦।୧୨**

ଢେଙ୍କାନାଳ ଜିଲାରେ ସାମୂହିକ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ସୁବ୍ୟବସ୍ଥିତ କରିବାକୁ ବୁଧବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଜିଲା ଚିକିତ୍ସାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କରାଯାଇଥିବା ଟିକାଭଣ୍ଡାର ବୁଲି ଦେଖିଥିଲେ। ଆସନ୍ତା ମାସରେ କୋଭିଡ୍ ଟିକା ଆସିବା ସମ୍ଭାବନା ଥିବାରୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ଟିକା ଭଣ୍ଡାରରେ ଥିବା ଆଇସ୍ ଲାଇନ ରେଫ୍ରିଜେଟର (ଆଇଏଲ୍‌ଆର) ଏବଂ ଡିପ୍ ଫ୍ରିଜରର ସଂରକ୍ଷଣ କ୍ଷମତାକୁ ଜିଲାପାଳ ଯାଞ୍ଚ କରିଥିଲେ। ସେହିପରି ସିରିଞ୍ଜ୍ ଏବଂ ଅନ୍ୟ ଉପକରଣ ସଂରକ୍ଷିତ କରି ରଖିବାକୁ ହୋଇଥିବା ଡ୍ରାଏ ଷ୍ଟୋରେଜ୍ ରୁମ୍ ବୁଲି ଦେଖିଥିଲେ। ପ୍ରଥମ ପର୍ଯ୍ୟାୟ ଟିକାକରଣ ଲାଗି ଚୟନ ହୋଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ଅନ୍‌ଲାଇନ ପଞ୍ଜୀକରଣ ତଥ୍ୟ ଏବଂ ଟିକାକରଣ ସଂକ୍ରାନ୍ତ ମାଇକ୍ରୋ ପ୍ଲାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଟିକା ପରିଚାଳକ ତ୍ରିଲୋଚନ ପରିଡା ଏବଂ ଚିକିତ୍ସାଳୟ ମ୍ୟାନେଜର ଅଲିଭା ଆଦ୍ୟାଦର୍ଶୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ।


ଜିଲାପାଳ ସମୀକ୍ଷା କରୁଛନ୍ତି।

## ଜିରୋ ନାଇଟ୍ ପାଳନ ନିଷେଧ

ଢେଙ୍କାନାଳ ଜିଲାର ହୋଟେଲ, କ୍ଲବ, ସଭାଗୃହ, କଲ୍ୟାଣ ମଣ୍ଡପରେ ଜିରୋ ନାଇଟ୍ ପାଳନ, ଜନସମାଗମକୁ ନିଷିଦ୍ଧ କରାଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବୁଧବାର ଏ ନେଇ କଟକଣା ଜାରି କରିଛନ୍ତି। ପରିବାର ଭିତରେ ନୂଆବର୍ଷ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। କଟକଣା ଭାଙ୍ଗିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ଏସ୍‌ପି, ପିଡି ଡିଆରଡିଏ, ଉପଜିଲାପାଳ, ତହସିଲଦର, ବିଡିଓ, ପୌରସଂସ୍ଥା, ଏନଏସି ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ସେହିପରି ପହିଲାରେ ସରକାରୀ କାର୍ଯ୍ୟାଳୟରେ ଜନସମାଗମ ହୋଇ ନବବର୍ଷ ଶୁଭେଚ୍ଛା ଜଣାଇବା ଉପରେ କଟକଣା ଜାରି କରାଯାଇଛି।

